# ଗ୍ରାମାଞ୍ଚଳ ଓ ସହାରାଞ୍ଚଳାରେ ମଳଯୁକ୍ତ ଜଳର ସୁପରିଚାଳନା ନିମନ୍ତେ ଏକାଭିମୁଖୀ କାର୍ଯ୍ୟକ୍ରମର ଶୁଭାରମ୍ଭ ।

ସ୍ୱଛ ଭାରତ ମିଶନ(ଗ୍ରାମୀଣ) କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମାଂଚଳ ଓ ସହାରାଂଚଳରେ ମଳଯୁକ୍ତ ଜଳର ସୁପରିଚାଳନା ନିମନ୍ତେ ଗତକାଲି ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଗ୍ରାମୀଣ ଅଂଚଳରୁ ବାହାରୁଥିବା ମଳଯୁକ୍ତ ଜଳର ସୁପରିଚାଳନା ନିମନ୍ତେ ଅନୁଗୋଳ ପୌରସଂସ୍ଥାରେ ଅବସ୍ଥିତ ମଳ ବିଶୋଧନାଗାର ସହ ଜିଲ୍ଲାର ୨୦ କି.ମି ପରିଧି ମଧ୍ୟରେ ଅବସ୍ଥିତ ୪୭ଟି ଗ୍ରାମ ପଞ୍ଚାୟତକୁ ଏଥିରେ ସଂଯୋଗ କରାଯାଇଛି । ଏହି ଅବସରରେ ଅନୁଗୋଳ ବ୍ଲକର ବଡକେରା ଗ୍ରାମ ପଞ୍ଚାୟତରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌର ପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସମେତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ପୌରପାଳିକା କର୍ମଚାରୀମାନେ ଉପସ୍ଥିତ ଥିଲେ ।

